
ବିଶେଷ ସଂଖ୍ୟା
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର

**ବିଶେଷ ସଂଖ୍ୟା**



ସଂପାଦକ

**ଦାଶ ବେନହୁର୍**


## ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଓଡ଼ିଶା ସରକାର

ବିଶେଷ ସଂଖ୍ୟା

ସଂପାଦକ : **ଦାଶ ବେନହୁର**

ସଂପାଦନା ମଣ୍ଡଳୀ : **ସନ୍ତୋଷ ଷଡ଼ଙ୍ଗୀ**
**ବିଶ୍ୱର କୁମାର ନାୟକ**
**ପରମାନନ୍ଦ ପଟେଲ୍**

©
ସଦସ୍ୟ ସଚିବ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର

ମୁଦ୍ରଣ :
କ୍ୟାପିଟାଲ୍ ବିଜ୍‌ନେସ୍ ସର୍ଭିସ୍ ଆଣ୍ଡ୍ କନ୍‌ସଲ୍‌ଟାନ୍ସି
ବି-୫୧, ଶହୀଦନଗର, ଭୁବନେଶ୍ୱର

# ସଂପାଦକଙ୍କ କଲମରୁ....

ଅତୀତ କାଳରୁ ମଣିଷ ଜୀବନକୁ, ବିଜ୍ଞ-ବିଗ୍ରରରେ ଗ୍ରରିଗୋଟି ଭାଗରେ ବ ।ଯାଇଛି । ଯଥା : ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ୟାସ । ଏଇ ବ୍ରହ୍ମଚର୍ଯ୍ୟ ସମୟଟି ହେଉଛି କିଶୋର ବୟସ ବା ସ୍କୁଲ-ଜୀବନ । ବ୍ରହ୍ମଚର୍ଯ୍ୟ କଥାଟିକୁ ଆମେ ଶୃଙ୍ଖଳା, ସଂଯମ, ନିଷ୍ଠା ଓ ସାଧନା ଭଳି ଉପାଦାନର ଆଧାରରେ ବିଗ୍ରର କରିପାରିବା । ତା'ର ଅର୍ଥ ହେଉଛି ସ୍କୁଲରେ ପାଠପଢୁଥିବା ଛାତ୍ରଛାତ୍ରୀ ଶୃଙ୍ଖଳା ଓ ସଂଯମ ରଖି ଜୀବନଯାପନ କରିବା ସହିତ ନିଷ୍ଠାପରଭାବେ ଏକାଗ୍ରଚି  ହୋଇ ବିଦ୍ୟାଶିକ୍ଷା କରିବା ଆବଶ୍ୟକ । ଏ ପୁରୁଣା ଉପଦେଶ ଆମ ସମସ୍ତଙ୍କ ପାଇଁ ମୂଲ୍ୟବାନ । ମାତ୍ର ଏ କଥା ସହିତ ଆମକୁ ଆଉ ଗୋଟିଏ ଦୁଇଟି ଦିଗପ୍ରତି ଧ୍ୟାନ ଦେବାକୁ ପଡ଼ିବ । କିଶୋର/କିଶୋରୀ-ଜୀବନ ଯେ କୌତୂହଳ ଓ ଅନନ୍ତ ସମ୍ଭାବନାର ସମୟ ଆମକୁ ସେ କଥା ମନେ ରଖିବାକୁ ପଡ଼ିବ ।

ପ୍ରତ୍ୟେକ ପାଠପଢୁଆ ପିଲା ସ୍ୱାଭାବିକଭାବେ କୌତୂହଳୀ । ପୁଣି ତା' ଭିତରେ କେତେ ନା କେତେ ସମ୍ଭାବନା । ଏଇ ବୟସରେ ସବୁକଥା ଜାଣିବାକୁ ଇଚ୍ଛା ବଳବ  ର ହୁଏ । ଯାହା ଆଖିକୁ ଦିଶେ ତା' ବ୍ୟତିରେକ ଆଉ କ'ଣ ଅଛି ସେ ବିଷୟରେ ବି ଆଗ୍ରହ ବଢ଼େ । ଏଇ ବୟସରେ ହିଁ ଜୀବନଶୈଳୀ ନିର୍ଦ୍ଦିଷ୍ଟ ରୂପ ପରିଗ୍ରହଣ କରିବାକୁ ଆରମ୍ଭ କରେ । କିଏ ଜାଣେ କେଉଁ ଛାତ୍ର ଆଗକୁ ବୈଜ୍ଞାନିକ ହେବ ନା ପ୍ରଶାସକ ? କଳାକାର ହେବ ନା ସୈନିକ ? କେଉଁ ଛାତ୍ରୀ ଅଭିନେତ୍ରୀ ହେବ ନା ରାଜନେତ୍ରୀ ?

ଛାତ୍ର-ଜୀବନ ସେଇଥିପାଇଁ ସମ୍ଭାବନାର ଜୀବନ । କୁହାଯାଏ ଯେ ପ୍ରତ୍ୟେକ ଶିଶୁ କୌଣସି ନା କୌଣସି କଳା ନେଇ ଜନ୍ମ ହୋଇଛି । ସେଇ କଳା ବା କୁଶଳତାକୁ ଖୋଜି ବାହାର କରିବା ହେଉଛି ବଡ଼କଥା ।

'ସର୍ଗିଫୁଲ'ର ବାର୍ଷିକ ମହୋତ୍ସବ ଏଇ ଖୋଜିବା ପ୍ରକ୍ରିୟାରେ ପ୍ରୟାସୀ । ସାରା ଓଡ଼ିଶାର ବିଭିନ୍ନ ସ୍କୁଲରେ ପାଠପଢୁଥିବା ଜନଜାତିର ଛାତ୍ରଛାତ୍ରୀଙ୍କ ପାଇଁ ଏହା ଏକ ଅପୂର୍ବ ସୁଯୋଗ । ଏ ବର୍ଷର ଏହି ଉତ୍ସବ କ୍ରମରେ ବିଭିନ୍ନ କର୍ମଶାଳା ଆୟୋଜନ କରି ସେଥିରେ ଛାତ୍ରଛାତ୍ରୀମାନଙ୍କୁ ସାମିଲ କରାଯାଇଛି । କଳା, ବିଜ୍ଞାନ, ହସ୍ତକର୍ମ ଓ ସୃଜନଶୀଳ ଲିଖନ ଆଦି ବିଷୟଗୁଡିକ ସମ୍ପର୍କରେ ସେମାନଙ୍କୁ ଉତ୍ସାହ ଦେବା ଲାଗି ଉଦ୍ୟମ କରି ତାଲିମ ଦିଆଯାଇଛି ଓ ମାର୍ଗଦର୍ଶନ କରାଯାଇଛି ।

'ସର୍ଗିଫୁଲ'ର ଏ ସଂଖ୍ୟାଟି ସେଇ ଆୟୋଜନର ଫଳଶ୍ରୁତି । ଆମର ଆଶା ଛାତ୍ରଛାତ୍ରୀ ତଥା ଅଭିଭାବକ ଓ ଶିକ୍ଷକ ଏହାକୁ ପଢ଼ି ନିଶ୍ଚିତ ଉପକୃତ ହେବେ ।

**ଦାଶ ବେନହୁର**
ସଂପାଦକ





# ସର୍ଗି ଫୁଲ

## ସୂଚିପତ୍ର


| ବିଷୟ | | ପୃଷ୍ଠା |
|---|---|---|
| ୧. | ସମ୍ପାଦକୀୟ | ୧ |
| ୨. | ସର୍ଗିଫୁଲ ଓ ସର୍ଗିଫୁଲ | |
| ୩. | 'ସର୍ଗିଫୁଲ', ରାଜ୍ୟସ୍ତରୀୟ ଛାତ୍ରଛାତ୍ରୀ ମହୋତ୍ସବ ୨୦୧୧ - କାର୍ଯ୍ୟସୂଚୀ | |
| | ଉଦ୍‌ଘାଟନୀ ଉତ୍ସବ - ୨୬.୧୨.୨୦୧୧ | |
| | ଉଦ୍‌ଯାପନୀ ଉତ୍ସବ - ୨୮.୧୨.୨୦୧୧ | |
| ୪. | ସର୍ଗିଫୁଲ - ୨୦୧୧ | |
| ୫. | କାର୍ଯ୍ୟକ୍ରମର ତାଳେ ତାଳେ | |
| | ❖ ମିଳିତ -ଲିଖନ | |
| | ❖ ସୃଜନାତ୍ମକ ନୃତ୍ୟ | |
| | ❖ ଫଟୋଗ୍ରାଫି | |
| | ❖ ମାଟିକାମର କର୍ମଶାଳା | |
| | ❖ ଚିତ୍ରକଳା | |
| | ❖ ଶିଶୁ ସାମ୍ବାଦିକତା | |
| | ❖ ବିଜ୍ଞାନଭି ିକ ଖେଳ | |
| | ❖ ଗଣିତ ମେଳା | |
| | ❖ ଜୀବନ୍ତ ଚିତ୍ର କର୍ମଶାଳା | |
| | ❖ କାଗଜ କାରିଗରୀ | |
| | ❖ ଭାବ ବିନିମୟ କୌଶଳ | |
| | ❖ ନାଟକ/ ଏକାଙ୍କିକା | |
| | ❖ ସୃଜନାତ୍ମକ ଲେଖା କର୍ମଶାଳା | |
| | ❖ ଅଲୋଡ଼ାର ଉପଯୋଗ | |
| | ❖ ସୃଜନାତ୍ମକ ଖେଳ | |
| | ❖ କଣ୍ଢେଇଗଢ଼ା ଓ ନାଚ | |

- ❖ ଯାଦୁଖେଳ
- ❖ ଓଡ଼ିଶୀନୃତ୍ୟ କର୍ମଶାଳା
- ❖ ଚିତ୍ର ସମ୍ଭାର

୬. ବିଶିଷ୍ଟ ବ୍ୟକ୍ତିଙ୍କ ଗହଣରେ

୭. ସୃଷ୍ଟି ସୌରଭ

- ❖ ମୁକ୍ତ ଲିଖନ
- ❖ ବିଷୟ ସମ୍ବଳିତ ଲିଖନ
- ❖ ମିଳିତ ଲିଖନ
- ❖ ଏକାଙ୍କିକା
- ❖ ଛବିଟିଏ କୁ ଗୀତଟିଏ
- ❖ ବିଷୟ ବିସ୍ତାରଣ

୮. କଥାରେ କଥାରେ

୯. ଶେଷ କଥା

# ସର୍‌ଗିଫୁଲ୍ ଓ ସର୍‌ଗିଫୁଲ୍

ଜନଜାତି ସମାଜରେ ସର୍‌ଗିଫୁଲ୍ ବହୁ ଚର୍ଚ୍ଚିତ ଓ ପବିତ୍ରତମ ପୁଷ୍ପ ହିସାବରେ ପରିଚିତ । ଉତ୍ତର ଓଡ଼ିଶାର ଜନଜାତି ସମୁଦାୟ ଯଥା ସାନ୍ତାଳ, ହୋ, କୋହ୍ଲ, ମୁଣ୍ଡା, ଓରାଓଁ, କିସାନ୍, ବାଥୁଡ଼ି, ବିର୍‌ହୋର୍, ଶବର, ଗଣ୍ଡ, ମାହାଲି, ପ୍ରତ୍ୟେକ ଜନଜାତି ସର୍‌ଗିଫୁଲ୍‌କୁ ସ୍ୱତନ୍ତ୍ର ବିଧିବିଧାନ ସହ ସ୍ୱତନ୍ତ୍ର ପରବରେ ଦେବଦେବୀଙ୍କ ନିକଟରେ ଅର୍ପଣ କରି ଆଗାମୀ ବର୍ଷ କିପରି ନିରାନନ୍ଦମୟ ହେବ ସେଥିପାଇଁ ଉତ୍ସର୍ଗ କରିଥାନ୍ତି (ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ସଂବୃଦ୍ଧିର ପ୍ରତୀକ ହିସାବରେ ସର୍‌ଗିଫୁଲ୍ ପରିଗଣିତ) ପ୍ରତ୍ୟେକ ଜନଜାତି ଜାହିରା ପୀଠରେ ଶାଳଗଛକୁ ପୂଜା କରିବାର ପରଂପରା ରହିଆସିଛି । ସମସ୍ତ ଦେବଦେବୀ ଓ ପୂର୍ବପୁରୁଷଙ୍କ ଆଦି ବାସସ୍ଥଳୀ ହେଉଛି ଏହି ଜାହିରା ଏବଂ ଏହା ହେଉଛି ଅସଂଖ୍ୟ ସର୍‌ଗି ଗଛ ପରିବେଷ୍ଟିତ ଏକ ପବିତ୍ର ପୀଠ । ସର୍‌ଗିଗଛ (ଶାଳ ଗଛ) ପବିତ୍ର ବୃକ୍ଷ ଓ ବୃକ୍ଷ ଶ୍ରେଷ୍ଠ । ମାଘ ମାସର ଶେଷ ବେଳକୁ ଏହି ଗଛରେ ଫୁଲ ଆସେ । ଫୁଲ ଆସିଲେ ଜନଜାତିଙ୍କ ମୁହଁରେ ହସ ଉକୁଟି ଉଠେ । ଏହି ଫୁଲ ସିଂବଙ୍ଗାଙ୍କ ଉଦ୍ଦେଶ୍ୟରେ ଅର୍ପିତ ହୋଇ ବିଭିନ୍ନ ଶୁଭ କର୍ମର ଅୟମାରମ୍ଭ ହୋଇଥାଏ । ସର୍‌ଗିଫୁଲ ଦେବତାଙ୍କ ଲାଗି ହେବା ନେଇ ଏକ ସୁନ୍ଦର କିମ୍ବଦନ୍ତୀ ରହିଛି, ତାହାର ସଂକ୍ଷିପ୍ତ ସାର ହୋଉଛି - ସୃଷ୍ଟି ଆରମ୍ଭ ସମୟର କଥା; ଧରାପୃଷ୍ଠରେ କେବଳ ଆଦିମାତା "ଲୁକୁକଳି" ଏବଂ ଆଦିପିତା "ଲୁକୁହାଳାମ୍" ଜନ୍ମ ନେଇଥାନ୍ତି । ଶାଳ ଗଛରେ ଫୁଲ ଫୁଟିଥାଏ । ଶାଳ ଫୁଲ ପବନରେ ଉଡ଼ିଯାଇ ଝରଣା ପାଣିରେ ମିଶୁଥାଏ । ଏହି ପାଣି ପିଇ ଲୁକୁକୁଳି ଓ ଲୁକୁହାଳାମ୍ ରୋଗରେ ପଡ଼ି ହୀନ ବଳ ହୁଅନ୍ତେ, ହିଂସ୍ର ଜନ୍ତୁଗୁଡ଼ିକ ତାଙ୍କୁ ଆକ୍ରମଣ ପାଇଁ ଉଦ୍ୟତ ହେଲେ । ଏଥିରୁ ରକ୍ଷା ପାଇବା ପାଇଁ ଦୁହେଁ ଜଳ ଦେବୀ (ନାଗେରା)ଙ୍କ



ପାଖରେ ଗୁହାରି ପଡ଼ିଲେ । ନାଗେରା ଏମାନଙ୍କ ଗୁହାରି ଶୁଣି ସିଂବଙ୍ଗାଙ୍କ ଉଦ୍ଦେଶ୍ୟରେ ଏପରି ଏକ ଫୁଲ ଅର୍ପଣ କରିବାକୁ କହିଲେ, ଯାହା ସଜ ଅବସ୍ଥାରେ ଯେମିତି; ଶୁଖିଗଲେ ବି ସେମିତି ହିଁ ଦେଖାଯାଉଥିବ । ଅନେକ ଚିନ୍ତନ ପରେ ଉଭୟେ ଅନୁଭବ କଲେ ଯେ, ସରଗିଫୁଲ ହିଁ ସଜ ଓ ଶୁଖିଲା ଅବସ୍ଥାରେ ସମାନ ଦେଖାଯାଏ । ସରଗିଫୁଲକୁ ସିଂବଙ୍ଗାଙ୍କୁ ଅର୍ପଣ କରି ସେମାନେ ବ୍ୟାଧି ମୁକ୍ତ ହେଲେ । ସେହିଦିନଠାରୁ ଏହା "ବାହା" ପରବ ବା "ଫୁଲ ଭାଙ୍ଗୁଣି" ପର୍ବ ହିସାବରେ ପରିଚିତ ହେଲା ଓ ସୃଷ୍ଟି କର୍ତ୍ତା ସିଂବଙ୍ଗାଙ୍କୁ ସରଗିଫୁଲ ଅର୍ପଣ କରିବା ପରଂପରା ପ୍ରଚଳିତ ହେଲା । ଏହି ପର୍ବ ପାଳନ ସମୟରେ ଗାଉଥିବା ଗୀତଟି ହେଲା -

"କୁଲ୍‌ସୁଞ୍ଜ୍ କୁଲ୍‌ସୁଞ୍ଜ୍ ଦ
ରିବିଲ୍ କୁଆମ୍‌ରେ କୁଲ୍‌ସୁଞ୍ଜ୍ ମେ ।

ତେଗା ତେଗାଞ୍ଜ୍ ଦ
ଦୟା ଦାବିରେ ତେଗାଞ୍ଜ୍ ମେ ।।

ଏହାର ତାତ୍ତ୍ୱିକ ଅର୍ଥ ହେଉଛି ଛାତିକୁ ଠୋକର ମାରି ଦେବଦେବୀଙ୍କୁ ଭକ୍ତି କରିବା ସକାଶେ ଅନ୍ତରାତ୍ମାକୁ ଜାଗ୍ରତ କର । ପିଠି, କାନ୍ଧରେ ଗୋଇଠା ମାରି କର୍ମ ସମ୍ପନ୍ନ ହେବା ପାଇଁ ନିଜକୁ ପ୍ରସ୍ତୁତ କର । ତେଣୁ ଏହି ପର୍ବ ପାଳନର ଉଦ୍ଦେଶ୍ୟ ହେଉଛି ସେମାନଙ୍କର ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ କଲ୍ପେ ଯେପରି ନିରାନନ୍ଦ ଜୀବନ ନିର୍ବାହ ହୋଇପାରିବ, ସମାଜ ବିକଶିତ ହୋଇପାରିବ ଏବଂ ଶାନ୍ତି, ସଂବୃଦ୍ଧି ଓ ସୁଖମୟ ଜୀବନ ନିର୍ବାହ ହେବ, ସେଥି ନିମନ୍ତେ ସିଂବଙ୍ଗାଙ୍କ ଉଦ୍ଦେଶ୍ୟରେ ଏହି ଫୁଲ ଅର୍ପଣ କରାଯାଇଥାଏ । ଶାଳ ଗଛରେ ଫୁଲ ଆସିଲେ ଜନଜାତିଙ୍କ ମୁହଁରେ ହସ ଫୁଟିଥାଏ । ଫୁଲ ଯେତେ ଆସିବ ଫଳ ତତୋଽଧିକ ହେବ ଏବଂ ସେମାନଙ୍କର ଅର୍ଥନୀତିରେ ଏହି ଫଳ ସହାୟକ ହେବ ।

ଆମ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପରିଚାଳିତ ବିଦ୍ୟାଳୟ ସମୂହରେ ଅନୁସୂଚିତ ଜନଜାତିର ପିଲାମାନେ ହେଉଛନ୍ତି, ସେହି ସରଗିଫୁଲ୍‌ର ସ୍ତବକ । ସେମାନଙ୍କୁ ସୁବ୍ୟବସ୍ଥିତ ଢଙ୍ଗରେ ଶିକ୍ଷାଦାନ କରାଇ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କର ଅର୍ଥନୀତିରେ ସହାୟ ହେଲାଭଳି ଗଢ଼ିତୋଳିବା ହେଉଛି ଶିକ୍ଷାର ପ୍ରାଥମିକ ଉଦ୍ଦେଶ୍ୟ । ଆମ ପିଲାମାନଙ୍କ ପାଖରେ ବହୁତ ସାମର୍ଥ୍ୟ ରହିଛି, ସେହି ସାମର୍ଥ୍ୟକୁ ଲୋକଲୋଚନକୁ ଆଣି ସେମାନଙ୍କ ମେଧାକୁ ଆହୁରି ବିକାଶୋନ୍ମୁଖୀ କରାଇବା ଉଦ୍ଦେଶ୍ୟରେ ଏହି ସରଗିଫୁଲ୍ ଉତ୍ସବର ଆୟୋଜନ ।

ସରଗିଫୁଲ୍ ପରିକଳ୍ପନା କୌଣସି ନୂଆ କଥା ନୁହେଁ । ୨୦୦୦ ମସିହାରେ ସରଗିଫୁଲକୁ ନାମ କରି ଏକ





ଶିଶୁପତ୍ରିକା ପ୍ରକାଶ କରାଯାଇଥିଲା । ସର୍‌ଗିଫୁଲ୍ ପତ୍ରିକାକୁ କିଶୋର ସୃଜନର ସଂଗ୍ରହ ହିସାବରେ ପରିକଳ୍ପନା କରାଯାଇଥିଲା । ୨୦୧୦ ମସିହାରେ ସେହି କିଶୋର ସୃଜନୀ ଶକ୍ତିକୁ ଆହୁରି ଗରୀମାମୟକରାଇବା ଉଦ୍ଦେଶ୍ୟରେ ସର୍‌ଗିଫୁଲ ମହୋତ୍ସବ ଶୁଭାରମ୍ଭ ହେଲା । ଆମ ପିଲାମାନଙ୍କ ପ୍ରତିଭା ଓ ମହନୀୟତାରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ଭଳି ଦକ୍ଷତା ଓ ସାମର୍ଥ୍ୟ ରହିଛି । ତାହା ଦେଖାଇବା ହେଉଛି, ଏହି ସର୍‌ଗିଫୁଲ୍ ଉତ୍ସବ ଆୟୋଜନର ଉଦ୍ଦେଶ୍ୟ । ସର୍‌ଗିଫୁଲ୍, ଯାହା ପ୍ରଗତିର ପ୍ରତୀକ, ସ୍ପର୍ଦ୍ଧାର ପ୍ରତୀକ, ଲକ୍ଷ୍ୟର ପ୍ରତୀକ, ସୃଜନର ପ୍ରତୀକ; ତାହାକୁ ଆଧାର କରି ଏହି ଉତ୍ସବ ନାମିତ କରିବାରେ ଯଥାର୍ଥତା ରହିଛି ।



ଭୌଗୋଳିକ, ଐତିହାସିକ, ସାମାଜିକ ଓ ରାଜନୈତିକ ଦୃଷ୍ଟିରୁ ତୁଳନାତ୍ମକ ଭାବେ ଅଲଗା ରହିଥିବା ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ବିକାଶ କଳ୍ପେ ଜାତୀୟନୀତି ଅନୁସାରେ ସମସ୍ତ ପ୍ରକାର ପ୍ରତିଶ୍ରୁତି, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ଉତ୍ସାହ ପ୍ରଦର୍ଶନ କରି ସେହି ବର୍ଗକୁ ମୁଖ୍ୟସ୍ରୋତରେ ସାମିଲ କରିବା ଏହି ବିଭାଗର ମୂଳ ଲକ୍ଷ୍ୟ । ଏହି ଲକ୍ଷ୍ୟ ଓ ଉଦ୍ଦେଶ୍ୟ ମଧ୍ୟରୁ ଶିକ୍ଷାର ବିକାଶ ପାଇଁ ବିବିଧ କାର୍ଯ୍ୟକ୍ରମମାନ ରୂପାୟନ କରାଯାଇ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ଏହି ବିଭାଗ ସଂକଳ୍ପବଦ୍ଧ । ବିଭାଗ ତରଫରୁ ସ୍ଥାପନ କରାଯାଇଥିବା ଅଧିକାଂଶ ବିଦ୍ୟାଳୟ ଆବାସିକ ହୋଇଥିବାରୁ ଛାତ୍ରଛାତ୍ରୀମାନେ ସେଠାରେ ରହିପାରୁଛନ୍ତି, ଫଳତଃ ଅଧାରୁ ପାଠପଢ଼ା ଛାଡୁଥିବା ସଂଖ୍ୟାକୁ ରୋକିବାରେ ସହାୟକ ହେବା ସାଙ୍ଗକୁ ଏହାଦ୍ୱାରା ନିରକ୍ଷରତା ଦୂର କରାଯାଇପାରୁଛି ।

କ୍ରମାଗତ ଭାବେ ବିଗତ ବର୍ଷଗୁଡ଼ିକରେ ଏହି ବିଭାଗ ପରିଚାଳିତ ଉଚ୍ଚ ଇଂରାଜୀ ବିଦ୍ୟାଳୟଗୁଡ଼ିକର ମାଟ୍ରିକ୍ ପରୀକ୍ଷାରେ ପାଶ୍ ହାର ରାଜ୍ୟ ଉତ୍ତୀର୍ଣ୍ଣ ହାରଠାରୁ ଅଧିକ ରହିଛି, ଯାହା ଆମ ପାଇଁ ଆଶ୍ୱାସନାର ବିଷୟ ହୋଇପାରେ, ତେବେ ଏହି ହାରକୁ ଆହୁରି ବୃଦ୍ଧି କରିବା ଏବଂ ପ୍ରତିଯୋଗୀ ଭାବାପନ୍ନ କରିବା ପାଇଁ ଆମକୁ ଆହୁରି ପ୍ରୟାସ